ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୃଫୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 24-04-2026

ଖୋର୍ଦ୍ଧା(ଓଡିଶା) - :2026-04-24 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-04-25 | 2026-04-26 | 2026-04-27 | 2026-04-28 | 2026-04-29 |
|---|---|---|---|---|---|
| ବର୍ଷା (ମିମି) | 3.0 | 0.0 | 0.0 | 0.0 | 3.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 39.0 | 39.0 | 40.0 | 39.0 | 39.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 26.0 | 26.0 | 27.0 | 27.0 | 27.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 86 | 87 | 83 | 82 | 87 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 37 | 47 | 46 | 47 | 39 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 12 | 15 | 20 | 23 | 22 |
| ପବନର ଦିଗ (ଡିଗ୍ରୀ) | 207 | 194 | 193 | 198 | 208 |
| ମେଘାଚ୍ଛନ (ଅକ୍ଟା) | 2 | 1 | 1 | 2 | 4 |
| ସତର୍କବାଣୀ | ଗରମ ଦିନ; ଲୁ | ଗରମ ଦିନ; ଲୁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ଶନିବାର ଓ ବୁଧବାର ଦିନ ସ୍ୱଳ୍ପ ବର୍ଷା ଓ ଅନ୍ୟ ଦିନ ମାନଙ୍କରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୧୨ – ୨୩ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୯ - ୪୦ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୬ - ୨୭ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଅଧିକ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି ।

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

 ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ । ଠିକ ସମୟରେ ପାଣି ପିଅନ୍ତୁ ।  ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମଲହରୀ ପ୍ରବାହର ପୂର୍ବାନୁମାନ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରହିଥିବାରୁ, ଅଧିକ ଗରମ ସମୟରେ ( ଦିନ 12ଟା ରୁ 4ଟା ) କାମ ନକରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆ ଯାଉଅଛି ।

### ସାଧାରଣ ଉପଦେଶ:

 ଧାନ କେଣ୍ଡା ରେ ଶତକଡା ୮୫ ଭାଗ ଧାନ ପାଚି ଗଲା ପରେ ଓ ହଳଦିଆ କିମ୍ବା ସୁନା ରଙ୍ଗ ର ହୋଇ ଗଲେ ଅମଳ କରନ୍ତୁ ନଚେତ ଧାନ ଝଡି ପଡିବାର ସମ୍ଭାବନା ଥାଏ । ଧାନ ଅମଳ ପରେ ଦିନ କୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣ କିମ୍ବା ୨୦୦ ମାଇକ୍ରନ କଳା ପୋଲିଥିନ ଉପରେ ୨.୫ ସେମି ଉଚ୍ଚ ରେ ଶୁଖାଇ ଦେଲେ ଆର୍ଦ୍ରତା ଶତକଡା ୧୪ କୁ ଖସି ଆସେ ।  ଦିନବେଳା ତାପମାତ୍ରା ଅଧିକ ରହୁଥିବା ରୁ ଫସଲ କୁ ସୁରକ୍ଷା କରିବା ପାଇଁ ଆବଶ୍ୟକ ଥିଲେ ଆଖୁ, ଖରାଟିଆ ମକା ଓ ପନିପରିବା ରେ ନିୟମିତ ଜଳସେଚନ କରନ୍ତୁ ।  ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ନିଅନ୍ତୁ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଅମଳ ହୋଇଥିବା ଫସଲକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗା କୁ ଭଲ ଭାବରେ ସଫା କରନ୍ତୁ ।  ସୁବିଧା ଥିଲେ ଫଳବଗିଚା କିମ୍ବା ଅଧିକ ଚଉଡାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ । ସିଂଚନ ପ୍ରଣାଳୀରେ ଜଳସେଚନ କଲେ ଉଚ୍ଚ ତାପମାତ୍ରାର ପ୍ରଭାବ କମାଯାଇପାରିବ । ପାଣିର ଅଭାବ ଥିଲେ ଧାଡିକୁ ଧାଡି ଛାଡି ଜଳସେଚନ କରନ୍ତୁ । ଏହା ଦ୍ୱାରା ପ୍ରାୟ ଶତକଡା ୫୦ ଭାଗ ପାଣି ସଂଚୟ କରାଯାଇ ପାରିବ ।  ଆଖୁ ଗଛ ମୂଳ ଓଦା ରଖିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଲି ଗୁଡିକୁ ଆଚ୍ଛାଦ କରନ୍ତୁ । ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବାପାଇଁ ଶତକଡା 4 ଭାଗ ପଟାସ୍ ସାର (1 ଲିଟର ପାଣିରେ 40 ଗ୍ରାମ୍ ପଟାସ୍ ସାର) ପତ୍ର ସିଂଚନ କରନ୍ତୁ ।  ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ । ଠିକ ସମୟରେ ପାଣି ପିଅନ୍ତୁ ।  ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମଲହରୀ ପ୍ରବାହର ପୂର୍ବାନୁମାନ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରହିଥିବାରୁ, ଅଧିକ ଗରମ ସମୟରେ ( ଦିନ 12ଟା ରୁ 4ଟା ) କାମ ନକରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆ ଯାଉଅଛି ।  ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଘର ଭିତରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ ।

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

 ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଘର ଭିତରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ ।

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ |  କେଣ୍ଡାକାଟା ପୋକ- ଧାନ ରେ କେଣ୍ଡାକାଟା ପୋକ ଦେଖାଦେଲେ Quinalphos ୨୫ EC ୪୦୦ ମିଲି କିମ୍ବା Chlorpyriphos ୨୦EC ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସକାଳ ସମୟରେ ଧାନ ଗଛ ମୂଳ ରେ ସିଂଚନ କରନ୍ତୁ ।  ଗଳା ମହିଷା- ଧାନ ଫସଲରେ ଗଳା ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମି.ଲି hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମି.ଲିAzoxystrobin ଏବଂ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଏବଂ Trifloxystrobin ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ |  ଆଖୁ ଫସଲ ରେ ସଅଳ କାଣ୍ଡ ବିନ୍ଧା ପୋକ ର ପରିଚାଳନା ପାଇଁ ଗ୍ରୀଷ୍ମ ଋତୁ ରେ ନିୟମିତ ଭାବରେ ଜଳସେଚନ କରନ୍ତୁ । ମାଟି ଶୁଖିଲା ରହିବା ଅନୁଚିତ। ପୋକ ଓ ଅଣ୍ଡାପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ଆକ୍ରାନ୍ତ ପିଲ ଗୁଡିକୁ ମାଟି ତଳୁ କାଟି ଦୂରରେ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ନଷ୍ଟ କରି ଦିଅନ୍ତୁ । ପ୍ରଥମ ଥର ହୁଡା ଟେକିବା ସମୟରେ ମାଟରେ ଏକର ପ୍ରତି ୧୦ କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ ପ୍ରୟୋଗ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | □ ବାଇଗଣ ଓ ଟମାଟୋ ଫସଲରେ ବୀଜାଣୁ ଜନିତ ଝାଉଁଳା ନହେବା ପାଇଁ ଆକ୍ରାନ୍ତ ଜମିରେ ପ୍ରତି ୧୦ଲିଟର ପାଣିରେ ୧୫ଗ୍ରାମ Plantomycin ସହିତ ୩୦ ଗ୍ରାମ Copper Oxychloride ମିଶାଇ ଗଛର ଚେରକୁ ଭଲଭାବେ ଭିଜାଇ ଦିଅନ୍ତୁ । |
| ୟେଓ୬ଣ୍ ଈଓଠ | □ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି । ରାସାୟନିକ ଉପାୟ ରେ ଲଙ୍କାମରିଚ ଫସଲ ରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦- ମିଲି Propargite ନାମକ କୀଟନାଶକ କିମ୍ବା ୧୬୦- ମିଲି Spiromesifen ନାମକ କୀଟନାଶକ କିମ୍ବା ୨୫୦-ଗ୍ରାମ Diafenthiuron ନାମକ କୀଟନାଶକ, ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | □ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି । ରାସାୟନିକ ଉପାୟ ରେ ଲଙ୍କାମରିଚ ଫସଲ ରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦- ମିଲି Propargite ନାମକ କୀଟନାଶକ କିମ୍ବା ୧୬୦- ମିଲି Spiromesifen ନାମକ କୀଟନାଶକ କିମ୍ବା ୨୫୦-ଗ୍ରାମ Diafenthiuron ନାମକ କୀଟନାଶକ, ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କାକୁଡି | □ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣି ରେ ୩ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ Azadirachtin କୁ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨ ମିଲି Profenophos ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ। |
| ଅମୃତଭଣ୍ଡା | □ ପାଉଁଶିଆ ରୋଗ ଓ କଳା ଦାଗ : ବର୍ତ୍ତମାନ ତାପମାତ୍ରା ର ବୃଦ୍ଧି ହେତୁ ପାଉଁଶିଆ ଓ କଳା ଦାଗ ରୋଗ ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ଥିଓଫେନେଟ ମିଥାଇଲ ୭୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ନଡ଼ିଆ | □ ନଡିଆ ଗଛରେ କାଳିମୁଣ୍ଡି ପୋକର ନିରାକରଣ କରିବା ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗାରେ ବାନ୍ଧି ଦିଅନ୍ତୁ । ଅଧିକ ଆକ୍ରାନ୍ତ ବାହୁଙ୍ଗା କୁ କାଟି ପୋଡି ଦିଅନ୍ତୁ । ୧୦ ଲିଟର ପାଣିରେ Chlorantraniliprole ୧୮.୫ % SC @ ୪ ମିଲି କିମ୍ବା Emamectin Benzoate ୫ % SG @ ୪ ଗ୍ରାମ ମିଶାଇ ପତ୍ର ରେ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | □ ପ୍ରଚଳିତ ଉଷ୍ମ ଲହରୀର ସ୍ଥିତିକୁ ଧ୍ୟାନରେ ରଖି ପଶୁମାନଙ୍କୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ଉଚିତ ପରିମାଣରେ ତାଜା ଥଣ୍ଡା ପାନୀୟ ଜଳ ସହିତ ଖଣିଜ ମିଶ୍ରଣ ଯୋଗାଇବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । ଗାଈ ଗୋରୁ ମାନଙ୍କୁ ପରିଷ୍କାର ଏବଂ ଦରକାର ଅନୁଯାଇ ପାଣି ଦିଅନ୍ତୁ । ସକାଳ ଏବଂ ସନ୍ଧ୍ୟା ସମୟରେ ଘାସ ଚରିବା ପାଇଁ ଦିଅନ୍ତୁ । ଦିନ ରେ ଦୁଇଥର ସ୍ନାନ କରାନ୍ତୁ । ଦିନ ସମୟ ରେ ଓଦା ଖୋଟ ବସ୍ତା କୁ ଝରକା ଏବଂ କବାଟ ରେ ଲଗାନ୍ତୁ । ଭଲ ବାୟୁ ଚଳାଚଳ ପାଇଁ ପଂଖା ଲଗାନ୍ତୁ । ସକାଳ ସମୟ ରେ କମ ଖୁଆନ୍ତୁ ଏବଂ ସନ୍ଧ୍ୟା ସମୟ ରେ ଅଧିକ ଖୁଆନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଇଣ୍ଡିଆନ ମେଜର କାର୍ପ | □ ବର୍ତମାନ ସମୟରେ ଦିନର ତାପମାତ୍ରା ବଢିବା ସହ ସହ ଗ୍ରୀଷ୍ମ ଲହରୀ ପ୍ରବାହ ହେଉଥିବାରୁ ପୋଖରୀ ର ଜଳର ଗଭୀରତା ସତେଜ ପାଣି ଭର୍ତି କରି ୧ ମିଟର ବଢ଼ାଇ ଦିଅନ୍ତୁ । ଦାନା ର ପରିମାଣ ୧୦ ରୁ ୨୦ ପ୍ରତିଶତ କମ କରିଦିଅନ୍ତୁ ଏବଂ ପୋଖରୀ ଭିତରକୁ ଥଣ୍ଡା ପାଣି ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ ଯେପରିକି ପାଣିର ତାପମାତ୍ରା ୧୩ ରୁ ୧୮ ଡିଗ୍ରୀ ସେଲସିୟସ ବଜାୟ ରହିବ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | □ କୁକୁଡା ଓ ବତକ ମାନଙ୍କ ଗୃହ ପରିଚାଳନା ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉ ରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତର କୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶି ଓଦା ନ ହୁଏ। ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗୀ ଦେଲେ ଘର ଥଣ୍ଡା ରହିଥାଏ। ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| □ ଖରା ସମୟରେ ବାହାରକୁ ବାହାରୁଥିଲେ, ଓଦା ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ । ଠିକ ସମୟରେ ପାଣି ପିଅନ୍ତୁ । □ ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମଲହରୀ ପ୍ରବାହର ପୂର୍ବାନୁମାନ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରହିଥିବାରୁ, ଅଧିକ ଗରମ ସମୟରେ ( ଦିନ 12ଟା ରୁ 4ଟା ) କାମ ନକରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆ ଯାଉଅଛି । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**